**ଭାରତୀୟ ଜନତା ପାର୍ଟି**

**ଦିଲ୍ଲୀ ପ୍ରଦେଶ**

**୧୪, ପଣ୍ଡିତ ପନ୍ତ ମାର୍ଗ**

**ତା.୨୯.୧୧.୨୦୧୩**

**ଭାରତୀୟ ଜନତା ପାର୍ଟି କେନ୍ଦ୍ରୀୟ ସଭାପତି ଶ୍ରୀ ରାଜନାଥ ସିଂହଙ୍କ ବକ୍ତବ୍ୟ ।**

ଏକ ବିଂଶ ଶତାବ୍ଦୀର ସୂର୍ଯ୍ୟ ଦେଖିଥିଲା ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱ । ଭାରତୀୟ ଜନତା ପାର୍ଟି ବିଶ୍ୱ ଦରବାରରେ ସର୍ବଶ୍ରେଷ୍ଠ ବୋଲି ଭାରତକୁ ପ୍ରତିପାଦନ କରିବାକୁ ସ୍ଥିର ନିଶ୍ଚିତ । ଯଦି ଭାରତକୁ ବିଶ୍ୱର ମହାଶକ୍ତି ଭାବରେ ପରିଗଣିତ କରିବାକୁ ପଡ଼ିବ ତେବେ ଭାରତର ହୃଦୟ ଦିଲ୍ଲୀକୁ ପ୍ରଥମେ ବିକଶିତ କରିବାକୁ ହେବ । କିନ୍ତୁ ୧୫ ବର୍ଷ ହେବ ଗୋଟିଏ ଦଳ ଶାସନରେ ରହି ମଧ୍ୟ ଦିଲ୍ଲୀର ବିକଶିତ ମାନଦଣ୍ଡ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଅଛି ।

ବାସ୍ତବରେ ଦିଲ୍ଲୀର ବିକାଶ କେବଳ ଲମ୍ବା ରାସ୍ତା, ଧାଡ଼ି ଧାଡ଼ି କାର, ଉଚ୍ଚ ଅଟ୍ଟାଳିକା ଉପରେ ନିବଦ୍ଧ କଲେ ହେବନାହିଁ । କିନ୍ତୁ ଛୋଟ ଛୋଟ  କଲୋନୀ, ଝୋପଡ଼ି ବସ୍ତି ଏବଂ ଦିଲ୍ଲୀର ଗ୍ରାମୀଣ ବିକାଶରେ ରହୁଥିବା ଲୋକମାନଙ୍କର ଯଦି ବିକାଶ ହୋଇପାରିବ ତେବେ ବିକାଶର ମାନଦଣ୍ଡ ସର୍ବସ୍ପର୍ଶୀ ବୋଲି ପ୍ରମାଣିତ ହେବ ।

ଦିଲ୍ଲୀରେ ଲକ୍ଷ ଲକ୍ଷ ଶ୍ରମିକ, ଦିନ ମଜୁରିଆ, ଫେରିବାଲା, ମୂଲିଆ, ରିକ୍ସା ବାଲା, ଅଟୋବାଲା, କବାଡ଼ି ଦୋକାନ, ୧୨ ଘଣ୍ଟା କଠିନ ପରିଶ୍ରମ କରି ଦିଲ୍ଲୀର ବିକାଶରେ ଯୋଗଦାନ କରି ଥାଆନ୍ତି । ଏହି ଦିଲ୍ଲୀରେ ୧୬୩୯ ଟି କଲୋନୀ, ୮୬୦ ଜେ.ଜେ.କ୍ଲଷ୍ଟର୍ସ, ଅନୁନ୍ନତ ବସ୍ତି, ଏବଂ ମୁକ୍ତ ଆକାଶ ତଳେ ଜୀବନ ବିତାଉଥିବା ଲୋକ ମଧ୍ୟ ଅଛନ୍ତି । ଦିଲ୍ଲୀରେ ୩୬୦ ଗ୍ରମା ପ୍ରାୟତଃ ଯାହା ଏବେ ବୃଦ୍ଧି ପାଇଁ ୪୦୦ ହୋଇଛି ଏବଂ ୪୫ଟି ପୁନର୍ବାସ କଲୋନୀ ମଧ୍ୟ ରହିଛି । ଭାରତୀୟ ଜନତା ପାର୍ଟି କ୍ଷମତାରେ ଆସିଲେ ଏହି ୪୯% ଲୋକଙ୍କର ସମ୍ମାନ ଜନକ ଭାବରେ ଜୀବନ ଯାପନ, ଜୀବିକା ଏବଂ ସ୍ୱ ଗୃହ ନିର୍ମାଣ ପାଇଁ ପ୍ରଥମେ ବ୍ୟବସ୍ଥା କରିବ ।

ଦିଲ୍ଲୀରେ ଏକ ବିଂଶ ଶତାବ୍ଦୀରେ ଭାରତର ପ୍ରମୁଖ କେନ୍ଦ୍ର ଦିଲ୍ଲୀ ହେବ । ଏଠାରେ ବାହାରୁ ଆସିଥିବା ଲୋକ ମାନଙ୍କୁ ଏକ ବୋଝ ନଭାବି ମାନବ ସମ୍ବଳ ବୋଲି ମନେ କରାଯିବ । ମୁଁ ବର୍ତ୍ତମାନ ଯେଉଁ ୪୯% ଲୋକଙ୍କ କଥା କହିଲି ସମସ୍ତେ ପ୍ରବାସୀ ଅଟନ୍ତି ।

ଯଦି ଦିଲ୍ଲୀରେ ଭା.ଜ.ପା ର ସରକାର ଆସିବ ତେବେ ନିରନ୍ତର ଭାବରେ ଆସୁଥିବା ପ୍ରବାସୀ ମାନଙ୍କ ସମସ୍ୟା ମଧ୍ୟ ସମାଧାନ କରିବ ଓ ପ୍ରବାସୀ ଆୟୋଗ ମଧ୍ୟ ଗଠନ କରିବ । ବାହାରୁ ଆସୁଥିବା ଲୋକ ମାନଙ୍କ ପାଇଁ ସମ୍ପୂର୍ଣ୍ଣ ସୁବ୍ୟବସ୍ଥା କରିବା ସହ ଏହା ଏକ ସମସ୍ୟା ନୁହେଁ ବୋଲି ଭା.ଜ.ପା ପ୍ରତିପାଦିତ କରିବ ।

ଦିଲ୍ଲୀରେ ଗରିବ ଓ ପ୍ରବାସୀ ଲୋକଙ୍କ କଲ୍ୟାଣ ପାଇଁ ଡ଼ଃ ହର୍ଷ ବର୍ଦ୍ଧନ, ଅଟଳ ବିହାରୀ ବାଜପେୟୀ ପୁନର୍ବାସ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ନିର୍ଣ୍ଣୟ ନେଇଛନ୍ତି । ତାହା ସହିତ ମଧ୍ୟ

୧–ଭା.ଜ.ପା ସମସ୍ତ ଅନଧୀକୃତ ବାସିନ୍ଦା ମାନଙ୍କ ପାଇଁ ସରଳ ଏବଂ ସୁବିଧା ଯୁକ୍ତ ନିୟମ ପ୍ରଣୟନ କରି ସମ୍ମାନ ଜନକ ଭାବରେ ବଞ୍ଚିବାର ବ୍ୟବସ୍ଥା କରିବ ।

୨–ସମସ୍ତ ଝୋପଡ଼ପଟି, ଅନୁନ୍ନତ ବସ୍ତି ଏବଂ ଖୋଲା ଆକାଶ ତଳେ ବଞ୍ଚୁଥିବା ଲୋକଙ୍କର ଜୀବନ ଧାରଣ ପାଇଁ ପକ୍କା ଗୃହ ନିର୍ମାଣ କରି ପଟା ବଣ୍ଟନର ସୁବିଧା ମଧ୍ୟ କରିବ ।

୩–ସମସ୍ତ ୪୫ ଟି ପୁର୍ବାସ କଲୋନୀର ଲକ୍ଷ ଲକ୍ଷ ଲୋକଙ୍କର ଘରର ସମସ୍ତ କାଗଜ ପତ୍ର ଯୁକ୍ତି ସଙ୍ଗତ ସର୍ତ୍ତ ଉପରେ ଦିଆଯିବ ।

୪–ଦିଲ୍ଲୀର ସମସ୍ତ ଗାଁକୁ ସହରରେ ପରିଣତ କରିବା ପାଇଁ ଏବଂ ସମସ୍ତ ସୁବିଧା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ବଦ୍ଧ ।

୫– କୌଶଳ ବିକାଶ କେନ୍ଦ୍ର ଦ୍ୱାରା ନିଜର ଯୋଗ୍ୟତା ଏବଂ ଦକ୍ଷତା ଅନୁସାରେ ରୋଜଗାର ବ୍ୟବସ୍ଥା କରାଯିବ ।

୬–ହଜାର ହଜାର ଏକର କୃଷି ଜମିର ସମ୍ପୂର୍ଣ୍ଣ ବିକାଶ ମଧ୍ୟ କରାଯିବ ଏବଂ ସମସ୍ତ କ୍ଷେତକୁ ସବୁଜିମା କରିବା ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯିବ । ଭୂମି ମାଫିଆ ଯେପରି ଏହାକୁ କବ୍ଜା କରି ପାରିବେ ନାହିଁ ସେଥିପାଇଁ କଠୋର ନିୟମ ପାଳନ କରାଯିବ ।

୭– ଗାଁରେ ରହୁଥିବା ଭୂମିହୀନ ଗୃହଶୂନ୍ୟ ଲୋକଙ୍କୁ ରୋଜଗାର ଏବଂ ଗୃହ ଯୋଗାଇ ଦେବ ।

୮–ଦିଲ୍ଲୀର ସମସ୍ତ ଗ୍ରାମର ଜନସଂଖ୍ୟାର ବିସ୍ତାର ଏକ ସମସ୍ୟା ହୋଇ ଛିଡ଼ା ହୋଇଛି । ଏହାର ସମ୍ପୂର୍ଣ୍ଣ ସମାଧାନ ପାଇଁ ଯୋଜନା କାର୍ଯ୍ୟକାରୀ ହେବ ।

୯–ଗ୍ରାମ ଏବଂ କୃଷକଙ୍କ ପାଇଁ ଲ୍ୟାଣ୍ଡ ରିଫର୍ମ ଆକ୍ଟ ଧାରା ୮୧ ଏବଂ ୩୩ ରେ ଯେଉଁ ସମସ୍ୟା ଅଛି ତାହାର ତୁରନ୍ତ ସମାଧାନ କରାଯିବ ।

୧୦–ଅନଧିକୃତ କଲୋନୀ ବିକାଶ ପ୍ରାଧିକରଣ ଗଠନ କରାଯାଇ ସମସ୍ତ ଅନଧିକୃତ କଲୋନୀର ବିକାଶ କରାଯିବ ।

୧୧–ଗ୍ରାମ ଏବଂ କୃଷି ଉପଯୋଗୀ ଜମିକୁ ନେଇ ରାଜଧାନୀ ଗ୍ରାମୀଣ ବିକାଶ ବୋର୍ଡ଼ ଗଠନ କରାଯିବ ।

୧୨–କଂଗ୍ରେସ ତାହାର ରାଜନୈତିକ ଫାଇଦା ପାଇଁ ଅନୁନ୍ନତ ବସ୍ତିର ସୃଷ୍ଟି କରିଅଛି । ସେମାନଙ୍କର ସାମାନ୍ୟତମ ବିକାଶ ହୋଇ ପାରିନାହିଁ । ତାଙ୍କ ପାଇଁ ଅଲଗା ପ୍ରକୋଷ୍ଠ ଗଠନ କରି ବିକାଶର ସ୍ତରକୁ ବୃଦ୍ଧି କରାଯିବ ।

୧୩– ଦିଲ୍ଲୀରେ ଭୂମି କମ ଥିବାରୁ ଏବଂ ପରିବାର ବୃଦ୍ଧି ପାଉଥିବାରୁ ଏହି ସମସ୍ୟାର ସମାଧାନ ପାଇଁ ଭର୍ଟିକାଲ ଗ୍ରୋଥ ଆଇନ ବନା ଯାଇ ଲୋକଙ୍କ ସେବାରେ ଲଗାଯିବ । ୧୫ ମିଟର ନିର୍ଦ୍ଧାରିତ ଥିବା ଉଚ୍ଚତାକୁ ବୃଦ୍ଧି କରିବା ପାଇଁ ଗମ୍ଭୀରତା ପୂର୍ବକ ଚିନ୍ତା କରାଯିବ ।

୧୪–୧୦୦ ମିଟରରୁ କମ ଥିବା ଜମିରେ ନକ୍ସାକୁ ପାସ କରାଇବାର ଆବଶ୍ୟକତା ନାହିଁ । ଏହିଭଳି ନିୟମ ପ୍ରଣୟନ ହେବ ଏବଂ ବହୁ ମହଲା ବିଶିଷ୍ଟ ପ୍ରାସାଦ ନିର୍ମାଣ ବେଳେ ଭୂତଳ ପାର୍କିଂର ବ୍ୟବସ୍ଥା କରାଯିବ ।

ମୋତେ ସମ୍ପୂର୍ଣ୍ଣ ବିଶ୍ୱାସ ଅଛି ଯେ ଭା.ଜ.ପା ସରକାର ନିଜର ଅନୁଭବ ଏବଂ ଡଃ ହର୍ଷ ବର୍ଦ୍ଧନଙ୍କର ନିଷ୍କଳଙ୍କ ବ୍ୟକ୍ତିତ୍ୱ ଉପରେ ଦିଲ୍ଲୀର ଜନତା ବିଶ୍ୱାସ କରି ପ୍ରଚୁର ସଫଳତା ଦେବେ ।